# ନବନିର୍ମିତ ଢଳେଇ ରାସ୍ତା ବିପର୍ଯ୍ୟସ୍ତ

ଭଦ୍ରେଶ୍ୱର, ୯।୧(ସମିସ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ଗ୍ରାମପଞ୍ଚାୟତର ବାହାଲିଆ ଡାଏରୀ ଫାର୍ମ ଠାରୁ କାନକୋଳି ଶ୍ମଶାନ ପର୍ଯ୍ୟନ୍ତ ଢଳେଇ ରାସ୍ତା ନିମ୍ନମାନର କାର୍ଯ୍ୟ ହେତୁ ଭାଙ୍ଗି ଚୂରମାର ହୋଇଯାଇଥିବାର ଅଭିଯୋଗ ହୋଇଛି।

## ତଦନ୍ତ ଦାବି କଲେ ଅଞ୍ଚଳବାସୀ

ଏହାର ତଦନ୍ତ ଦାବି ହୋଇଛି। ବାହାଲିଆ ଡାଏରୀ ଫାର୍ମଠାରୁ କାନକୋଳି ଶ୍ମଶାନ ପର୍ଯ୍ୟନ୍ତ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯିବା ପାଇଁ ପଞ୍ଚମ ରାଜ୍ୟ ଅର୍ଥକମିଶନଙ୍କ ଅର୍ଥ ୧ଲକ୍ଷ ୪୩ ହଜାର ୭୮୮ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି ରାସ୍ତା ନିର୍ମାଣ





ନିମନ୍ତେ ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ଅଟକଳ ଅନୁଯାଇ ଏହି ରାସ୍ତା ନିର୍ମାଣ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ତେବେ ମାହାଙ୍ଗା ବ୍ଲକରେ ଏହିଭଳି ଭାବେ ବିଭାଗୀୟ ନାମରେ କାର୍ଯ୍ୟାଦଶ ଦିଆଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିଭାଗୀୟ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ତିଗିରିଆରେ ଓଏଭିର ପ୍ରବେଶିକା ପରୀକ୍ଷା

ତିଗିରିଆ, ୯।୧(ସମିସ): ତିଗିରିଆ ବ୍ଲକରେ ଶୁକ୍ରବାର ଅନୁଷ୍ଠିତ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବ୍ଲକର ମୋଟ ଦୁଇଟି ପରୀକ୍ଷା କେନ୍ଦ୍ରରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ପାଠ ପଢୁଥିବା ମୋଟ ୩୪୯ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ସୂଚନା ଦେଇଛନ୍ତି। ଏହି ବ୍ଲକ ଅଧୀନ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷାରେ ମୋଟ ୧୬୬ ଜଣ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦା ସୂଚନା ଦେଇଛନ୍ତି। ମୋଟ ୧୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ଅନୁପସ୍ଥିତ ଥିବା ବେଳେ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୮ ଜଣ ଛାତ୍ର ଓ ୮୮ ଜଣ ଛାତ୍ରୀ ରହିଥିବା ସୂଚନା ମିଳିଛି। ନିଜିଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ମୋଟ ୧୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବେହେରା ସୂଚନା ଦେଇଛନ୍ତି। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଷଷ୍ଠ ଶ୍ରେଣୀର ୧୩୩ ଜଣ, ସପ୍ତମ ଶ୍ରେଣୀର ୨୬, ଅଷ୍ଟମ ଶ୍ରେଣୀର ୧୮ ଜଣ, ନବମ ଶ୍ରେଣୀର ୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା



ସୂଚନା ମିଳିଛି। ବିଦ୍ୟାଳୟରେ ପରୀକ୍ଷା ପାଇଁ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଉଭୟ ପରୀକ୍ଷା କେନ୍ଦ୍ରକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମହାରଣା ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଫାର୍ମାସୀ ଶିକ୍ଷାନୁଷ୍ଠାନରେ ନବାଗତଙ୍କୁ ସ୍ୱାଗତ




ଚୌଦ୍ୱାର, ୯।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଦେଉଳକୁଆସ୍ଥିତ ସାଇପର ଶିକ୍ଷା ଅନୁଷ୍ଠାନର ନବାଗତ ଡିପ୍ଲୋମା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. ସନ୍ତୋଷ ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ପବିତ୍ର ମୋହନ ମହାନ୍ତି, ପ୍ରାଧ୍ୟାପକ ଡ. ପ୍ରିୟଦର୍ଶୀ ମିଶ୍ର, ଡ. ବିଚିତ୍ରାନନ୍ଦ ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ, ସୁବୀର ମିତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଅଧ୍ୟାପକ ଦେବାଶିଷ ମିଶ୍ର ଅତିଥି ପରିଚୟ ଏବଂ ସ୍ୱସ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟଦର୍ଶୀ କର, ସୌମ୍ୟ ରଞ୍ଜନ ସାହୁ, ସ୍ନିଗ୍ଧା ମହାନ୍ତି, ଅବିନାଶ ଜେନାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଲୋଚନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଫୁଲନଖରା, ୯।୧(ସମିସ): କଟକ ମହାନଗର ନିଗମ ଅନ୍ତର୍ଗତ ବମ୍ଫକୁଦସ୍ଥିତ ଖେଳ ପଡିଆରେ ରକ୍ କ୍ରିକେଟ୍ ଆୟୋଜିତ ପ୍ରଥମ ସୁଲୋଚନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ତଥା ବାହ୍ୟ ରାଜ୍ୟରୁ ପ୍ରାୟ ୧୬ଟି କ୍ରିକେଟ୍ ଦଳକୁ ନେଇ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘାଟକ ଭାବରେ ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ସମ୍ମାନିତ ଅତିଥି ଭାବରେ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ପଣ୍ଡା, ଯୁବ ସଂଗଠକ ପ୍ରକାଶ ନାୟକ, ଗ୍ରାମ୍ୟ ମୁରବୀ ପ୍ରଦ୍ୟୁମ୍ନ ଜେନା, ଲିଙ୍ଗରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, କାଳନ୍ଦୀ ଜେନା, ଅରକ୍ଷିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ୬ ଓଭର ବିଶିଷ୍ଟ ଉକ୍ତ ରାଉଣ୍ଡ ଆର୍ମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦିବସର ପ୍ରଥମ ମ୍ୟାଚରେ କଲିକତାର ପାୱାର ଏକ୍ସଆଇ ଇଣ୍ଡିଆ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଦଳକୁ ୪ ୱିକେଟ୍‌ରେ ହରାଇ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କଟକର ରକ୍‌ଷ୍ଟାର-ଓଡ଼ିଶା କଟକର ୱିଣ୍ଡ-୨୦୦୦ ଦଳକୁ ୨୮ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସେହିଭଳି ତୃତୀୟ ମ୍ୟାଚ୍‌ରେ ମାଭେରିକ୍ସ-ଏକ୍ସଆଇ କଟକ ୪ ୱିକେଟ୍‌ରେ ଜେଏମ୍‌ଡି ଭୁବନେଶ୍ୱରକୁ ପରାସ୍ତ କରିଥିବା ବେଳେ ଚତୁର୍ଥ ମ୍ୟାଚ୍‌ରେ କଟକର ଗଣପତି ଲଭର୍ସ ଭୁବନେଶ୍ୱରର ବନଦୁର୍ଗା-ଏକ୍ସଆଇକୁ ୯ ୱିକେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ ମ୍ୟାଚ୍‌ଗୁଡିକୁ ଓସିଏ ପ୍ୟାନେଲ୍‌ଭୁକ୍ତ ଅମ୍ପାୟାର ସୁଶାନ୍ତ ପଣ୍ଡା ଓ ସନ୍ଦୀପ ମହାନ୍ତି ପରିଚାଳନା କରିଥିବା ବେଳେ ଟୁନା ଜେନା, ରାଜେନ୍ଦ୍ର ବେହେରା, ଜିତେନ୍ଦ୍ର ଜେନା, ଚିନ୍ମୟ ଜେନା, ସତ୍ୟବ୍ରତ ବେଉରା, ସତ୍ୟବ୍ରତ ପଣ୍ଡା, ଅରବିନ୍ଦ ଜେନା ଓ ହେମନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



# ଖଣ୍ଡାୟତ ପଟକିରା ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡାୟତ ପଟକିରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ କମଳଲୋଚନ ସାହୁ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ମୋଟ ୨୦୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ବିଭାଗରେ ବାଳକ ଆଶୀର୍ବାଦ ବଳ ଓ ବାଳିକା ରଶ୍ମିରେଖା ବାରିକ, କନିଷ୍ଠ ବିଭାଗରେ ବାଳକ ଆନିମେସ ବିଶ୍ୱାଳ ଓ ବାଳିକା କୀର୍ତ୍ତିମୟୀ ମଳିକ ଚାମ୍ପିଅନ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ନନ୍ଦ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥିଭାବେ ଅବଦୁଲ ସରିଫ, ସୁଧାକର ପଣ୍ଡା, ତ୍ରୈଲୋକ୍ୟନାଥ ବିଶ୍ୱାଳ, ମୁରଲୀଧର ଦାସ, ସନ୍ତୋଷୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ କମଳଲୋଚନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅସୀମଜ୍ୟୋତି ମୁଦୁଲି ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ମାନସ ଲେଙ୍କା ଓ ପ୍ରକାଶ ସାହୁଙ୍କ ସଂଯୋଜନାରେ ଶିକ୍ଷକ ପ୍ରଦୀପ୍ତ ମହାନ୍ତି, ଶୁଭସ୍ମିତା ସୂତାର, ପୁଷ୍ପାଞ୍ଜଳି ସାହୁ, ଦୀପକ ମଳିକ, ଆରତୀ ସାହୁ, ପ୍ରତାପଚନ୍ଦ୍ର ଦାସ, ଭାନୁଶ୍ରୀ ଜେନା, ନିକୁଞ୍ଜ କିଶୋର ତ୍ରିପାଠୀ ସହଯୋଗ କରିଥିଲେ।



# ଇଂରାଜୀ ବିଭାଗର ବାର୍ଷିକ ପାଠଚକ୍ର

ଚୌଦ୍ୱାର, ୯।୧(ସମିସ): ଚୌଦ୍ୱାର ମହାବିଦ୍ୟାଳୟ ଇଂରାଜୀ ବିଭାଗର ବାର୍ଷିକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ଡ. ସତ୍ୟାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠଚକ୍ରର ବିଷୟବସ୍ତୁ 'ରି ଇମାଜିନିଂ ଇଣ୍ଡିଆନ ମିଥୋଲୋଜି ଆଣ୍ଡ ଟ୍ରାଡିସନ' ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରଜନୀକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ତିନି ବର୍ଷର ଛାତ୍ର ଅର୍ବାର ଅହମ୍ମଦ ଖାଁ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରୀୟା ଠାକୁର ସଭା ପରିଚାଳନା କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଚିନ୍ମୟୀ ମହାରଣା ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଶୁଭସ୍ମିତା ଭୂୟାଁ ଓ ଶୁଭଦର୍ଶିନୀ ପତ୍ରୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଶିଳ୍ପାଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।




# ନିହାର ରଞ୍ଜନ ଗୁହାଙ୍କ ସ୍ମୃତିସଭା

କଟକ, ୯।୧(ସମିସ): ରୋଭର୍ସ ଆଥଲେଟିକ ଆସୋସିଏସନ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ଆର୍ଚେରୀ ସଂଘ କାର୍ଯ୍ୟାଳୟରେ ରୋଭର୍ସ କ୍ଲବର ପ୍ରତିଷ୍ଠାତା ତଥା କ୍ରୀଡା ଜଗତର କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତଃ ନିହାର ରଞ୍ଜନ ଗୁହା (ନିଲୁ ଦା)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତି, କ୍ରୀଡା ସଂଗଠକ ଏବଂ ଖେଳାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଆଠଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଶ୍ରୀ ସ୍ୱାଇଁ କହିଥିଲେ ଯେ ନିଲୁ ଦା ନିଃସ୍ୱାର୍ଥପର ଭାବରେ ନିଜକୁ କ୍ରୀଡା କ୍ଷେତ୍ରରେ ଉତ୍ସର୍ଗ କରିଥିଲେ। ୧୯୨୯ ମସିହାରେ ପ୍ରଥମେ କାଜିବଜାର ଠାରେ ଏହି କ୍ଲବ ସ୍ଥାପନ କରଯାଇଥିଲା। ସେହି ଅଞ୍ଚଳର ଲୋକମାନଙ୍କର ସାହାଯ୍ୟ ଓ ଉତ୍ସାହକୁ ନେଇ କଟକ ସହରରେ ନାମଜାଦା ଫୁଟବଲ ଦଳ ହିସାବରେ ଗଣାଯାଇଥିଲା। ଆଜି ଏହି କ୍ଲବ ୯୬ ବର୍ଷରେ ପଦାର୍ପଣ କରି ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି କରି ନିଲୁ ଦା'ଙ୍କର ନାମ ସ୍ମରଣୀୟ କରି ରଖିଛନ୍ତି। କ୍ଲବର ମୁଖ୍ୟ ପରାମର୍ଶଦାତା ଶ୍ରଦ୍ଧାନନ୍ଦ ଦାସ ନିଲୁ ଦା'ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ଆଉ ୪ ବର୍ଷ ପରେ ଏହି କ୍ଲବ ତାର ଶତବାର୍ଷିକୀ ପାଳନ କରିବେ। ଫକୀରମୋହନ କଲେଜର ପୂର୍ବତନ ଅଧକ୍ଷ ସରୋଜ କୁମାର ସିଂ, କ୍ଷୀତିଶ ପାତ୍ର, କ୍ଲବର କାର୍ଯ୍ୟକାରୀ ସଭାପତି ସମୀର ପରିଜା, ରବି ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବୁ ଚାଟାର୍ଜୀ ପ୍ରମୁଖ ସ୍ୱର୍ଗତଃ ଗୁହାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୨୯ ମସିହାରେ ସ୍ୱର୍ଗତଃ ଗୁହା ରୋଭର୍ସ କ୍ଲବ ସ୍ଥାପନ କରି ପରବର୍ତ୍ତୀ କାଳରେ ଏହି କ୍ଲବ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିଲା। ସ୍ୱାଧୀନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ କାଳରେ କେବଳ କଟକ ନୁହେଁ ସମଗ୍ର ଓଡିଶାରେ ଫୁଟବଲ ଖେଳାଳି ସୃଷ୍ଟିକରିବା କ୍ଷେତ୍ରରେ ନିଲୁ ଦା'ଙ୍କର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ ପାଇଥିଲା। ଆସୋସିଏସନର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କାର୍ଯ୍ୟକ୍ରମର ସୂଚନା ଦେଇ ନିଲୁ ଦା'ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀଧର ଦାସ, ଦୀପକ ଚୌଧୁରୀ, ଅର୍ପିତା ଦାସ, ଜଟାଧାରୀ ରାଉତ ଉପସ୍ଥିତ ଥିଲେ। ସୁବୋଧ ଦାସ ଧନ୍ୟବାଦ ଦେଇଥିଲେ।



# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର



ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନତକାଇଠାରେ ଥିବା ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥିଭାବେ +୨ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ନିରୂପମା ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୂର୍ଯ୍ୟମଣି ସ୍ୱାଇଁ, ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ଅଧ୍ୟାପିକା ଡ. ଜୟନ୍ତୀ ସାହୁ, ଅଧ୍ୟାପିକା ଶୁଭଶ୍ରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ଦେବଯାନୀ ରାଉତ ପ୍ରାରମ୍ଭିକ ସୂଚନା ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଶିକ୍ଷିକା ରୋଜାଲିନ୍ ମହାରଣା ଧନ୍ୟବାଦ ଦେଇଥିଲେ।

● ଦ୍ୱିତୀୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବାଙ୍କୀ କ୍ରୀଡା ସଂସଦକୁ ହରାଇ ଫାଇନାଲରେ ମେଣ୍ଢାଶାଳ



ଆଠଗଡ଼, ୯।୧(ସମିସ): ଆଠଗଡ଼ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମଠାରେ ଅନୁଷ୍ଠିତ ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ବାଙ୍କୀ କ୍ରୀଡା ସଂସଦକୁ ୨୭ ରନ୍‌ରେ ପରାସ୍ତ କରି ମେଣ୍ଢାଶାଳ କ୍ରିକେଟ କ୍ଲବ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳ କ୍ଲବର ମହମ୍ମଦ ସୁଲେମାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟର ଭାବେ ସୌମ୍ୟରଞ୍ଜନ ଲେଙ୍କା ଓ ଅଲୁପ ଦାଶ ପରିଚାଳନା କରିଥିଲେ। ଆଜିର ଖେଳରେ ମୁଖ୍ୟଅତିଥିଭାବେ ସମାଜସେବୀ ରଞ୍ଜିତା ଭକ୍ତା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଭୁବନାନନ୍ଦ ଦାସ ଯୋଗଦେଇଥିଲେ। ମ୍ୟାଚ ଶେଷରେ ଅବସରପ୍ରାପ୍ତ ସେନା ଅଧିକାରୀ ବରୁଣ ରାଜ ଓ ବିଶ୍ୱଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୧୯୭୫ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁ ମିଳନ




କଟକ, ୯।୧(ସମିସ): ଟାଙ୍ଗୀ ବିଦ୍ୟାପୀଠ ୧୯୭୫ ବ୍ୟାଚର ୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶେଷ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭଗତପୁରଠାରେ ଆୟୋଜିତ ଉତ୍ସବକୁ ପୁରତନ ଛାତ୍ର ତଥା ଓଡିଶା ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ଓ ଲିଙ୍ଗରାଜ ସାହୁ ସଂଯୋଜନା କରିଥିଲେ। ସମସ୍ତ ସହପାଠୀଙ୍କୁ ଉପଢୋ÷କନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗବନ୍ଧୁ ସାହୁ, ନାରାୟଣ ମହାରଣା, ବିଷ୍ଣୁ ମଲ୍ଲିକ, ପ୍ରଫୁଲ୍ଲ ମହାରଣା, ରଚିତା ମହାନ୍ତି, ଆଶାଲତା ମଲ୍ଲିକ, ସୁବାସିନୀ ରାଉତ, ଉର୍ମିଳା ପଣ୍ଡା, ଭାରତୀ ଦାସ ପ୍ରମୁଖ ଯୋଗଦେଇଥିଲେ।

● ୩୫ତମ ଗଦାଧରପୁର କପ କ୍ରିକେଟ

# ଜଗଦୀଶ ୱାରିୟର କଟକ ବିଜୟୀ

ତିଗିରିଆ, ୯।୧(ସମିସ): ତିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମା ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୧୦ଟି ଟିମକୁ ନେଇ ଅନୁଷ୍ଠିତ ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଲିଗ ମ୍ୟାଚରେ ଚୌଦ୍ୱାରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବକୁ ୧୬୨ ରନରେ ପରାସ୍ତ କରି କଟକର ଜଗଦୀଶ ୱାରିୟର କ୍ରିକେଟ କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜଗଦୀଶ ୱାରିୟର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୩୩୧ ରନ ସଂଗ୍ରହ କରିଥିଲେ। ପ୍ରତି ଜବାବରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଦଳର ଶକ୍ତିଶାଳୀ ବୋଲିଂର ସମ୍ମୁଖୀନ ହୋଇ ନ ପାରି ମାତ୍ର ୧୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବ୍ୟାଟିଂରେ ବିଜୟୀ ଜଗଦୀଶ ୱାରିୟର କ୍ରିକେଟ କ୍ଲବର ଖେଳାଳି ତପେନ୍ଦ୍ର ସିଂହ ୨୬ ବଲରୁ ଚମତ୍କାର ୮୨ ରନ ସଂଗ୍ରହ କରିବା ସହ ବୋଲିଂରେ ୩ଟି ୱିକେଟ ନେଇ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ବାଙ୍କୀ ବ୍ଲକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରବୀନ୍ଦ୍ର କୁମାର ବଳ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରମେଶ ସ୍ୱାଇଁ ଓ ରଶ୍ମିରଞ୍ଜନ ରାଉତ ପରିଚାଳନା କରିଥିଲେ। ଶରତ ରାଉତ ଓ ଅଶୋକ ଖଟୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



## ଶିବପ୍ରସାଦ ମହାନ୍ତି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ତେନ୍ତୁଳିପାଟଣାକୁ ହରାଇ ମହୁଲଡିପ ଚାମ୍ପିଅନ



ତିଗିରିଆ, ୯।୧(ସମିସ)

ତିଗିରିଆ ବ୍ଲକ ଅମୁଣିଆ ସାହି ଗ୍ରାମର ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ଶିବପ୍ରସାଦ ମହାନ୍ତି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଗ୍ରାମ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ତେନ୍ତୁଳିପାଟଣା କ୍ରିକେଟ କ୍ଲବକୁ ୩୬ ରନରେ ପରାସ୍ତ କରି ମହୁଲଡ଼ିପ କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗ୍ରାମୀଣ ବିଜେପି ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି, ଅମୁଣିଆ ସାହି ଗ୍ରାମ୍ୟ କମିଟି ସଭାପତି ଶିକ୍ଷାବିତ ଡ. ମନୋରଞ୍ଜନ ମହାନ୍ତି, ବରିଷ୍ଠ ବିଜେପି ନେତା ବିକ୍ରମ କେଶରୀ ଦାଶ, ବିଜେପି ସମ୍ପାଦକ ଉମାକାନ୍ତ ସେଠୀ, ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି, ତିଗିରିଆ ମଣ୍ଡଳ ସଭାପତି ମାନସ ନାୟକ, ପୂର୍ବତନ ତିଗିରିଆ ମଣ୍ଡଳ ସଭାପତି ସନ୍ତୋଷ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ସରୋଜ ରାଉତ ଓ ବିକ୍ରମ ଦାଶ ପରିଚାଳନା କରିଥିଲେ। ମନୋଜ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, କାହ୍ନୁଚରଣ ମହାନ୍ତି, ସମୀର ମହାନ୍ତି, ସୁଶାନ୍ତ ମହାନ୍ତି, ନିକୁଞ୍ଜ ମହାନ୍ତିଙ୍କ ସମେତ ଆୟୋଜକ ମା ମଙ୍ଗଳା କ୍ରିକେଟ କ୍ଲବର ଅନ୍ୟାନ୍ୟ ସଦସ୍ୟ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଉପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

# ମୁକୁଳା ପଡ଼ିଛି ନର୍ଦ୍ଦମା ନାଳ

## ଦୁର୍ଗନ୍ଧରେ ନାକେଦମ୍ ଅଞ୍ଚଳବାସୀ

ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରୁ ବାହାରି ଓଥକା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ନର୍ଦ୍ଦମା ନାଳଟି ଦୀର୍ଘ ଦିନ ହେବ ମୁକୁଳା ପଡିଛି। ସାପ୍ତାହିକ ହାଟ ଓ ନିଶ୍ଚିନ୍ତକୋଇଲି ବଜାରର ବ୍ୟବସାୟୀଙ୍କ ବିଭିନ୍ନ ଅଳିଆ ଆବର୍ଜନା, ବ୍ୟବହୃତ ଦୂଷିତ ପାଣି ଏହି ନାଳ ମଧ୍ୟରେ ଯାଉଥିବାରୁ ଏହାର ପଚାସଢ଼ା ଦୁର୍ଗନ୍ଧରେ ସାରା ଅଞ୍ଚଳ ଫାଟି ପଡୁଛି । ଏହି ଦୁର୍ଗନ୍ଧମୟ ନର୍ଦ୍ଦମା ନାଳିରୁ ସୃଷ୍ଟି ହେଉଥିବା ବିଭିନ୍ନ ପୋକଯୋକ ଓ ମଶା ଡାଆଁସ ଦାଉରେ ଏ ଅଞ୍ଚଳର ଲୋକମାନେ ତ୍ରାହି ତ୍ରାହି ଡାକିଲେଣି। ଏହି ନର୍ଦ୍ଦମା ନାଳ ଦେଇ ଲୋକମାନେ ଯାତାୟାତ କରୁଥିବା ସମୟରେ ଅନେକ ସମୟରେ ଭାରସାମ୍ୟ ହରାଇ ଏଥିରେ ପଡି ଖଣ୍ଡିଆ ଖାବରା ହେଉଥିବା ଦେଖାଯାଇଛି। ଏହି ନର୍ଦ୍ଦମା ନାଳକୁ ପରିଷ୍କାର ପରିଚ୍ଛନ୍ନ କରାଯିବା କିମ୍ବା ଏହା ଉପରେ କଂକ୍ରିଟ ଢାଙ୍କୁଣି ଘୋଡ଼ାଯିବା ନେଇ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ନର୍ଦ୍ଦମା ନାଳୀର ଦୁଇ ପାର୍ଶ୍ୱକୁ ଢଳେଇ କରାଯାଇ ଏହାର ଉପରେ ଶକ୍ତ ଢଳେଇ ଢାଙ୍କୁଣୀ ଦେବା ପାଇଁ ସାଧାରଣରେ ଦାବି ହେଉଛି।

ବିଶେଷ କରି ନିଶ୍ଚିନ୍ତକୋଇଲି ତାରିଣୀ ମନ୍ଦିର ପାଖରୁ ବାହାରିଥିବା ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତା ଓ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ଦେଇ ଯାଇଥିବା ଏହି ନର୍ଦ୍ଦମା ନାଳଟି ୮(ଇ)୧ ଉପଶାଖା କେନାଲରେ ମିଶିଛି। ଉପଶାଖା କେନାଲରେ ମିଶିଥିବାରୁ ସମସ୍ତ ନର୍ଦ୍ଦମା ପାଣି ଏହି କେନାଲ ମଧ୍ୟ ଦେଇ ପ୍ରବାହିତ ହେବାରୁ ବହୁ ସମସ୍ୟା ଉପୁଜୁଛି। ସ୍ଥାନୀୟ ତାରିଣୀ ମନ୍ଦିର ପାଖରୁ କିଛି ଅଂଶ ଏହି ନର୍ଦ୍ଦମା ନାଳି ଉପରେ କଂକ୍ରିଟ ଢାଙ୍କୁଣୀ ପଡିଥିଲା। କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏହାକୁ ଜେସିବି ଦ୍ୱାରା କାଢ଼ି ଦେଇ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଇଥିବାରୁ ବର୍ତ୍ତମାନ ଏହା ମୁକୁଳା ହୋଇ ପଡିରହିଛି। ଅପରପକ୍ଷରେ ଉକ୍ତ ନର୍ଦ୍ଦମା ନାଳଟି ଏହି ୮(ଇ)୧ ଉପଶାଖା କେନାଲରେ ମିଶିଥିବାରୁ ଜଳନିଷ୍କାସନ ଏକପ୍ରକାର ବନ୍ଦ ରହିଥିବା ବେଳେ ଏଥିରେ ପଶୁଥିବା ଉଦ୍‌ବୃତ ନର୍ଦ୍ଦମା ଜଳ ସଠିକ୍ ଭାବେ ନିଷ୍କାସିତ ହୋଇ ପାରୁନାହିଁ। ଏହି ଉପଶାଖା ନାଳଟି ନିଶ୍ଚିନ୍ତକୋଇଲି ଗ୍ରାମ ଏବଂ ଅହମ୍ମଦ ବକ୍ସ ସ୍କୁଲ ପରିସର ଦେଇ ଯାଇଥିବାରୁ ଏଥିରେ ପଡିଥିବା ଏହି ନର୍ଦ୍ଦମା ନାଳର ଦୁର୍ଗନ୍ଧମୟ ପଚାସଢା ଅଳିଆ ଆବର୍ଜନା ଓ ଦୂଷିତ ଜଳ ସ୍ଥାନୀୟ ଲୋକ ଓ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ହଇରାଣରେ ପକାଉଛି। ଦୁର୍ଗନ୍ଧମୟ ପରିବେଶରେ ସ୍କୁଲର ଛାତ୍ରଛାତ୍ରୀମାନେ ଚଳପ୍ରଚଳ କରିବା ଏବଂ ଏହି ନର୍ଦ୍ଦମା ନାଳ ପାଖରେ ସ୍କୁଲର ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବାରୁ ଏହା ଛାତ୍ର ଛାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି। ଏହି ୮(ଇ)୧ ଉପଶାଖା କେନାଲଟି ସଠିକ୍ ଭାବେ ସଫେଇ ହେଉ ନ ଥିବାରୁ ଏହା ଉପରେ ଜଳ ନିଷ୍କାସନ ପାଇଁ ନିର୍ଭର କରୁଥିବା



ବହୁ ଚାଷ ଜମିରେ ଚାଷବାସ କରିବା ପାଇଁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ତୁରନ୍ତ ଏହି ଉପଶାଖା କେନାଲକୁ କଂକ୍ରିଟ ଲାଇନିଂ କରି ଜଳସେଚନର ସୁବିଧା ପାଇଁ ଚାଷୀମାନଙ୍କ ମଧ୍ୟରେ ଦାବି ହୋଇଛି।

## 'ଆମ ବସ୍' ଧକ୍କାରେ ପୁଣି ଗଡ଼ିଲା ମୁଣ୍ଡ

**ଟ୍ରକ୍ ଧକ୍କାରେ ଜଣେ ଆହତ**

**ବିପଦସଂକୁଳ ଟାଙ୍ଗୀ-କପିଳାସ ରାସ୍ତା**

ଟାଙ୍ଗୀ, ୯।୧(ସମିସ): ୧୬ନଂ ଜାତୀୟ ରାଜପଥର ଟାଙ୍ଗୀରୁ କପିଳାସକୁ ଲମ୍ବିଥିବା ରାସ୍ତା ଦିନକୁ ଦିନ ବିପଦସଂକୁଳ ହେବାରେ ଲାଗିଛି। ଆମ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ ଧକ୍କାରେ ଜଣେ ଅଟୋ ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ମୃତକଜଣକ ଟାଙ୍ଗୀ ଥାନା କୋଟସାହି ପଞ୍ଚାୟତ ମଠସାହି ବାସିନ୍ଦା ଜିତେନ୍ଦ୍ର ସାହୁ (୨୮) ଓ ଆହତ ଅଟୋ ଚାଳକଜଣକ ଚୌଦ୍ୱାର ମହାଜନ ସାହିର ସନ୍ତୋଷ ସାହୁ। ମାଲବାହୀ ଅଟୋଟି ହାଇଲେବଲ କେନାଲ ବନ୍ଧରେ ଆସି ଟାଙ୍ଗୀ-କପିଳାସ ରାସ୍ତାକୁ ଉଠିବା ସମୟରେ ଏକ ଟ୍ରକ ଧକ୍କା ଖାଇଥିଲା। ଅଟୋଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକଙ୍କ ଜଣକ ଆହତ ହୋଇଥିଲେ। ସେହିପରି ମଧ୍ୟାହ୍ନ ସମୟରେ ମୃତ ଜିତେନ୍ଦ୍ର ବାଇକ୍ ଯୋଗେ ଭଗତପୁରରୁ ଘରକୁ ଫେରୁଥିବାବେଳେ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚୁରମାର ହୋଇଥିବାବେଳେ ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣାସ୍ଥଳରେ ଟାଙ୍ଗୀ ପୁଲିସ ପହଞ୍ଚି ମୃତାହତଙ୍କୁ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



କିଶନନଗର, ୯।୧(ସମିସ): କଟକ ସଦର ଅନ୍ତର୍ଗତ ଯଶପଡା କେଳିକଦମ୍ବ ସରକାରୀ ଉଚ୍ଚବିଦ୍ୟାଳୟର ନୂତନ ଶ୍ରେଣୀଗୃହକୁ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଛନ୍ତି। ସ୍କୁଲ ପରିଚାଳନା କମିଟିର ସଭାପତି କ୍ଷୀରୋଦ ବାରିକଙ୍କ ସଭାପତିତ୍ୱରେ ଏବଂ ପ୍ରଧାନଶିକ୍ଷକ ବିପ୍ଳବ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଧାୟକ ଇଂ ସେଠୀଙ୍କ ସମେତ କଟକ ସଦର ଉନ୍ନୟନ ଅଧିକାରୀ ଇଂ ପ୍ରତୀକ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଧୁ ଚରଣ ଜେନା, ସରପଞ୍ଚ ମିନତୀ ସେଠୀ, ଆଲୁମନି କମିଟି ସଭାପତି ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ପଣ୍ଡା, ପୂର୍ବତନ ସମିତିସଭ୍ୟ କେଳୁ ଚରଣ ମହାଳି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ବିଧାୟକ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଅନନ୍ତ ନାଥ, ମନୋଜ ବେହେରା, ଜୟଦେବ ମହାନ୍ତି, ମନୋଜ ନାଥ, କୁନା ବାରିକ, ରମେଶ ନାଥ, ଅନୀଲ ନାଥ ପ୍ରମୁଖ ସହଯୋଗ କରିଥିଲେ। ବିଜୟ କେଶରୀ ଦାଶ ଧନ୍ୟବାଦ ଦେଇଥିଲେ।

## ମାହାଙ୍ଗାରେ ଖୋଲିଲା ଧାନମଣ୍ଡି



ମାହାଙ୍ଗା, ୯ ।୧(ସମିସ): ଶୁକ୍ରବାର କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଚଳିତ ଖରିଫ ୨୫-୨୬ ବର୍ଷରେ ଚାଷୀଙ୍କ ଧାନ କ୍ରୟ ପାଇଁ ମାହାଙ୍ଗା ସେବା ସମବାୟ ସମିତି ପକ୍ଷରୁ ଗୌଡପଡା ଠାରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମିତିର ସଭାପତି ରଜନୀକାନ୍ତ ପରିଡ଼ାଙ୍କ ଦ୍ୱାରା ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ସମିତିର ସେକ୍ରେଟାରୀ ଶରତ ଜେନା, ଭବାନୀଶଙ୍କର ସାହୁ, ଦୋଳଗୋବିନ୍ଦ ସାହୁ, ଶୁନଚନ୍ଦ୍ର ମହାପାତ୍ର, ଧୀରେନ୍ଦ୍ର କ୍ରିଷ୍ଣ ଦାସ, ସୁନାକର ସିଂହ, ଉମେଶ ଚନ୍ଦ୍ର ଦାଶ, ବୈଷ୍ଣବ ଚରଣ ଲେଙ୍କା, ତପନ ସିଂହ, କ୍ରିଷ୍ଣକାନ୍ତ ଷଡ଼ଙ୍ଗୀ, ସୁବ୍ରଚିତ ରାୟ, ସାଧୁଚରଣ ମହାପାତ୍ରଙ୍କ ସହ ସମିତିର ପରିଚାଳନା କର୍ମଚାରୀ ହିରଣ୍ମୟ ସ୍ୱାଇଁ, ଚିରଞ୍ଜିବୀ ସାହୁ, ସଙ୍ଗୀତା ନାୟକ, ପ୍ରସନ୍ନ ବେହେରା ଯୋଗ ଦେଇଥିଲେ।

## କ୍ରୀଡ଼ା ଉତ୍ସବ ଓ ପୁରସ୍କାର ବିତରଣ



ଟାଙ୍ଗୀ, ୯ ।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପରମାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ମୁଖ୍ୟବକ୍ତା ଭାବେ ଶିବାନୀ ଗଣନାଟ୍ୟର ନାୟକ ଗୌରବ ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ, ଓସିଏଲର ଏଚଆର ସୁଧିର ରଞ୍ଜନ ମହାନ୍ତି, ସିଏସଆର ମୁଖ୍ୟ କବିତା ସାହୁ, ଯୁବ ସମାଜସେବୀ ଗଙ୍ଗାଧର ବେହେରା ଓ ପରିବେଶବିତ୍ ଅଂଶୁମାନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ବର୍ଣ୍ଣବୋଧ ଶିକ୍ଷକ ପ୍ରମୋଦ ବେହେରା ପରିଚାଳନା କରିଥିବାବେଳେ ଶିକ୍ଷା କମିଟି ସଭାପତି ମାନସ ରଞ୍ଜନ ଭଗତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ସପନପୁର, ହଳଦୀବସନ୍ତ, ହାଟିଂ ଆଦିବାସୀ ସାହି ଓ ଗରୁଡ଼ଗାଁରେ ଏକ ହଜାରରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଟେଟ୍ରାହେଡ୍ରନ ଟ୍ରଷ୍ଟ ତରଫରୁ ଅସହାୟଙ୍କୁ ମହିମା ଧର୍ମର ସଭାପତି ସୁକଦେବ ବାବାଙ୍କ ଦ୍ୱାରା ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁ ମିଳନ



ଟାଙ୍ଗୀ, ୯।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କାଟେଣୀ ଗ୍ରାମରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଏକ ସାଧାରଣ ସଭା ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବିଜୟ ସାହୁ, ତ୍ରିଲୋଚନ ଖୁଣ୍ଟିଆ, ଅଶୋକ ପୃଷ୍ଟି, ଭୀମସେନ ମହାନ୍ତି, ଭାଗ୍ୟଧର ସେଠୀ, କୃଷ୍ଣଚନ୍ଦ୍ର ସାହୁ, ଶିବ ଚରଣ ବେହେରା, ଜୀବନ ସ୍ୱାଇଁ, ଅମରନାଥ ଲେଙ୍କା ଓ ବ୍ୟାଙ୍କ ମ୍ୟାନେଜର ଶୁଭାଶିଷ ସାହୁ ଯୋଗଦେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ସହ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଭୂତି ଭୂଷଣ ସାହୁ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ପଦ୍ମନାଭ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।

## ରାସ୍ତାକଡ଼ରେ ଜବତ ଟ୍ରକ୍; ଟ୍ରାଫିକ୍ ସମସ୍ୟା

ବଡମ୍ବା, ୯।୧(ସମିସ): ଗତ ଡିସେମ୍ବର ମାସ ୪ ତାରିଖ ବଡମ୍ବା ଥାନା ଅଧୀନ ତେଲିସାହି ନିକଟରେ ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗୋଟିଏ ଘର ଓ ୨ଟି ବାଇକକୁ ଧକ୍କା ଦେବା ଅଭିଯୋଗରେ ବଡମ୍ବା ପୁଲିସ ଜବତ କରିଥିବା ଉକ୍ତ ହାଇୱାଟି ଏବେ ଖୁଣ୍ଟୁଣୀ-ନରସିଂହପୁର ୬୫ ନଂ ରାଜ୍ୟ ରାଜପଥର ବଡମ୍ବା ଥାନା ସମ୍ମୁଖରେ ଛିଡା ହୋଇରହିଛି। ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉ ନ ଥିବାରୁ ଏହା ପଥଚାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜବତ ହାଇୱାଟି ମୁଖ୍ୟରାସ୍ତା କଡ଼ରେ ଛିଡ଼ା ହୋଇ ରାଜ୍ୟ ରାଜପଥକୁ ସଂକୁଚିତ କରୁଛି। ଯାନବାହନ ଯିବାରେ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବା ସହିତ ଦୁର୍ଘଟଣାକୁ ହାତ ଠାରି ଡାକୁଛି। ବଡମ୍ବା ଥାନା ପକ୍ଷରୁ ଏଥିନେଇ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## କଳିଙ୍ଗ ଇଣ୍ଟର୍‌ନ୍ୟାସ୍‌ନାଲ ସ୍କୁଲର ବାର୍ଷିକ କ୍ରୀଡ଼ା



ନିଶ୍ଚିନ୍ତକୋଇଲି, ୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁରସ୍ଥିତ କଳିଙ୍ଗ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଳିକା ବିଭାଗରେ ସୌମ୍ୟା ପ୍ରିୟଦର୍ଶିନୀ ରାଉତ ଓ ବାଳିକା ବିଭାଗରେ ସେକ୍ ରହେମାନ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ସ୍କୁଲ ପରିଚାଳନା କମିଟିର ସଭାପତି ଦେବୀପ୍ରସାଦ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପରିବାରର ସଭାପତି ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ମୁଖ୍ୟବକ୍ତା ଭାବେ ସ୍କୁଲର ପ୍ରତିଷ୍ଠାତା ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥିଭାବେ ସମାଜସେବୀ ସେକ ଅବଦୁଲ ମାଲିକ, ଆଶିଷ ନାୟକ, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ରାଉତ, ତାପସ ରଞ୍ଜନ ଦାସ ଯୋଗଦାନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ସସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଦିପ୍ତୀମୟୀ ବରାଳ, ଲେଲା ବେଗମ, ସେହେନାଜ ବେଗମ, ସୁଷମା ରାଉତ, ଦିପ୍ତୀମୟୀ ରଣା, ସାଜେଦା ପରୱିନ, ପ୍ରମିଳା ପୃଷ୍ଟି, ମେହେବିଜ ଆଜମି, ସେକ ମୁସ୍ତାଫା, ମନୋରଞ୍ଜନ ବାରିକ, ଅମୀମା ପୃଷ୍ଟି, ଦେବୀପ୍ରଭା ମଲିକ, ସନ୍ତୋଷ ପରମାଣିକ, ସଦାକତ ଅଲ୍ଲୀ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମାନସୀ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



କଣ୍ଟାପଡା, ୯।୧(ସମିସ): କଣ୍ଟାପଡ଼ା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ବାଗଲପୁରସ୍ଥିତ ମା' କୋଚିଲେଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପଦ୍ମନାଭ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଆଇଏଏସ୍ ରାଜକିଶୋର ଚୌଧୁରୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଜିଲ୍ଲା ଦୌରାଜଜ୍ ଅରବିନ୍ଦ ଗୁରୁ, ଡାକ୍ତର ରାଜେଶ ସେଠୀ, ମଞ୍ଚର ବରିଷ୍ଠ ଉପଦେଷ୍ଟା ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପ୍ରଶାନ୍ତ ମହାନ୍ତି ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ଡିଆଇଜି ରାଜକିଶୋର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶୀତାକାନ୍ତ ଦାଶଙ୍କ ଦ୍ୱାରା ବେଦ ଧ୍ୱନୀ ଉଚ୍ଚାରଣ କରାଯାଇ ଥିଲା। ମଞ୍ଚ ସାଂସ୍କୃତିକ ସମ୍ପାଦକ ରାମ ପ୍ରସାଦ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଦିବଙ୍ଗତ ସଦସ୍ୟମାନଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଇଂ ଫଣି ଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକ"ସାୟାହ୍ନ'କୁ ଅତିଥିମାନେ ଉନ୍ମୋଚନ କରିବା ସହ କଳା, ସାହିତ୍ୟ, ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବାର୍ଷିକ ଉତ୍ସବରେ ନିଆଳୀ ଓ ବାରଙ୍ଗ ବ୍ଲକର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ଦ୍ୱାରା କ୍ଷୁଦ୍ର ସାମାଜିକ ନାଟକ "ଭିନ୍ନ ଏକ ପ୍ରୟାସ' ପରିବେଷଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି କପିଳ ଚରଣ ସେନାପତି ଧନ୍ୟବାଦ ଦେଇଥିଲେ।

## ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର



କିଶନନଗର, ୯।୧(ସମିସ): ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ ପକ୍ଷରୁ କଟକ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲା ଏସପିଙ୍କ ଦସ୍ତଖତରେ କିଶନନଗର ଥାନାଞ୍ଚଳର ୪୬ ଜଣ ବରିଷ୍ଠ ନାଗରିକଙ୍କୁ ଆଜି ଗୁରୁବାର ଥାନା ପରିସରରେ ଥାନାଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ସେମାନଙ୍କ ପରିଚୟପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସମୟରେ ପୁଲିସର ସହାୟତା ଓ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଥାନାଧିକାରିଣୀ କହିଛନ୍ତି।

## ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ କ୍ରୀଡ଼ା



ଚୌଦ୍ୱାର, ୯।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତର ସର୍ଦ୍ଦାରଖରିଦା ସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୁହର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସେବକ ସଂଘର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁଙ୍କ ପୌରହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଜେପି ଯୁବନେତା ଅଭୟ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ୩ଟି ଶ୍ରେଣୀଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ସହିତ ଗ୍ରାମରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାତ ନାୟକ, ଯୁବ ବ୍ୟବସାୟୀ ରବି ନାରାୟଣ ସାହୁ, ସମାଜସେବୀ ସୋନାଲୀ ଘୋଷ, ଶିକ୍ଷାବିତ ଶଂକର୍ଷଣ ବେହେରା, ରବୀନ୍ଦ୍ର ରାଉତ, ପରମାନନ୍ଦ ସାହୁ, ଦାମୋଦର ଗୋଚ୍ଛାୟତ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ବିବରଣୀ ପାଠ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପ୍ରାଥମିକ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ଦେହୁରୀ, ସ୍ମୃତିସୁଧା ନାୟକ, ରୁବିନା ରାଉତ, ଚିନ୍ମୟୀ ସାହୁ, ଶ୍ରାବଣୀ ସେଠୀ ପୁଷ୍ପଲତା ଦେହୁରୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶିକ୍ଷକ ଉମାକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଉତ୍ସବକୁ ରୋଟାରିଆନ୍ ମନୋରମା ଜେନା ଉଦ୍‌ଘାଟନ କରିଥିଲେ।

## ଫାଷ୍ଟଫୁଡ୍ ଜାଲରେ ଫସିଛନ୍ତି ଯୁବପିଢ଼ି

### ଛତୁ ଫୁଟିଲା ଭଳି ଖୋଲୁଛି ଦୋକାନ

ମାହାଙ୍ଗା, ୯।୧(ସମିସ): ଆଧୁନିକ ଜୀବନଶୈଳୀ ସହ ତାଳ ଦେଇ ଏବେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଫାଷ୍ଟଫୁଡ୍ ସଂସ୍କୃତି କାୟା ବିସ୍ତାର କରିବାରେ ଲାଗିଛି। ବିଭିନ୍ନ ଛକ ବଜାରରେ ଏବେ ଏହି ଚିକିମିକିଆ ଓ ପାଟି ସୁଆଦିଆ ରଙ୍ଗିନ ଖାଦ୍ୟର ପସରା ମେଲିଛି, ଯାହା ଯୁବପିଢ଼ି ଓ ସ୍କୁଲ-କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ତେବେ ଏହି ଖାଦ୍ୟ ଯେ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ, ତାହାକୁ ନେଇ ଖାଦ୍ୟ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୁଆଁପାଳ-ସାଲେପୁର ପୂର୍ତ୍ତ ସଡ଼କର ଛତ୍ରତୋଟାଠାରେ ଦିନକୁ ଦିନ ଫାଷ୍ଟଫୁଡ୍ ଦୋକାନ ସଂଖ୍ୟା ବଢ଼ିବାରେ ଲାଗିଛି। ସକାଳୁ ବିଳମ୍ବିତ ରାତି ଯାଏଁ ଏଠାରେ ଗ୍ରାହକଙ୍କ ଭିଡ଼ ଜମୁଛି।



ଚାଓମିନ୍, ଚିକେନ୍ ପକୋଡ଼ା, ଏଗ୍ ରୋଲ୍, ମଞ୍ଚୁରିଆନ୍, ପିଜା ଓ ବର୍ଗର ଭଳି ଖାଦ୍ୟ ପ୍ରସ୍ତୁତ କରି ବ୍ୟବସାୟୀମାନେ ମୋଟା ଅଙ୍କର ମୁନାଫା କମାଉଛନ୍ତି। ଅଭିଯୋଗ ହେଉଛି ଯେ ଏହି ଖାଦ୍ୟଗୁଡ଼ିକୁ ପାଟି ସୁଆଦିଆ କରିବା ପାଇଁ ଅତ୍ୟନ୍ତ ନିମ୍ନମାନର ତେଲ, ସସ୍ତା ମସଲା ଏବଂ ମାରାତ୍ମକ କେମିକାଲ୍ ରଙ୍ଗ ବ୍ୟବହାର କରାଯାଉଛି। ବିଶେଷ କରି ଛାତ୍ରଛାତ୍ରୀମାନେ ଏହାର ଶିକାର ହେଉଛନ୍ତି। ଏହି ଖାଦ୍ୟ ଖାଇବା ଦ୍ୱାରା ପିଲାମାନଙ୍କର ଘରର ପୁଷ୍ଟିକର ଖାଦ୍ୟ ପ୍ରତି ରୁଚି କମିବା ସହ ସେମାନେ ବିଭିନ୍ନ ପେଟ ରୋଗ, ମେଦବହୁଳତା ଏବଂ ହୃଦ୍‌ରୋଗ ଭଳି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫାଷ୍ଟଫୁଡ୍ ଦୋକାନୀମାନେ ଖାଦ୍ୟ ସୁରକ୍ଷା ନିୟମକୁ ବେଖାତିର କରି ଖୋଲାଖୋଲି ଭାବେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ

### ବିଗୁଡୁଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ

କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତୁରନ୍ତ ଏହି ଦୋକାନଗୁଡ଼ିକ ଉପରେ ଚଢ଼ଉ କରି ଖାଦ୍ୟର ମାନ ପରୀକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଯଦି ସମୟ ଥାଉ ଅଙ୍କୁଶ ନ ଲଗାଯାଏ, ତେବେ ଆଗାମୀ ପିଢ଼ିର ସ୍ୱାସ୍ଥ୍ୟବସ୍ଥା ଭୟଙ୍କର ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।

